# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ  ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୩୦ (ଓଡ଼ିଆ ବୁଲେଟିନ୍)          ସପ୍ତାହ – ୧୫          ତାରିଖ: ୧୩.୦୪.୨୦୨୬

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୭.୦୪.୨୦୨୬ ରୁ ୧୩.୦୪.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୭ | ୦୮ | ୦୯ | ୧୦ | ୧୧ | ୧୨ | ୧୩ | ୦୭ | ୦୮ | ୦୯ | ୧୦ | ୧୧ | ୧୨ | ୧୩ | ୦୭ | ୦୮ | ୦୯ | ୧୦ | ୧୧ | ୧୨ | ୧୩ |
| ବରଗଡ଼ | 33 | 33 | 35 | 35 | 36 | 36 | 36 | 23 | 23 | 22 | 23 | 23 | 23 | 22 | 15 | 0 | 0 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୪-୦୪-୨୦୨୬ | ୧୫-୦୪-୨୦୨୬ | ୧୬-୦୪-୨୦୨୬ | ୧୭-୦୪-୨୦୨୬ | ୧୮-୦୪-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 40 | 40 | 40 | 40 | 41 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 25 | 25 | 25 | 26 |
| ମେଘ ଆବରଣ(ଓକଟା) | 0 | 0 | 0 | 0 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 45 | 38 | 43 | 42 | 29 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 11 | 9 | 8 | 9 | 7 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 6 | 3 | 4 | 6 | 7 |
| ପବନର ଦିଗ (ଡିଗ୍ରୀ) | 202 | 63 | 158 | 208 | 225 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ଶୁଷ୍କ ପାଗ ସହିତ ଆକାଶ ସଫା ରହିପାରେ । ଆଗାମୀ ୫ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିପାରେ ("ଉଷ୍ଣ ଲହରୀ ବା ଲୁ" ଭଳି ଅବସ୍ଥା) । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା କମ ରହିବା ସହିତ ୩ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ଜିଲ୍ଲାସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ପାଗ ଶୁଖିଲା ରହିପାରେ, ତେଣୁ ଚାଷୀଭାଇମାନଙ୍କୁ ଫସଲ କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଚାଷୀମାନେ ଫସଲ ନଥିବା ଜମିରେ ଗୋଟିଏ ଗ୍ରୀଷ୍ମକାଳୀନ ହଳ କରିବା ନିଅନ୍ତୁ ।
- ଠିଆ ଫସଲ କ୍ଷେତରେ ଶୋଷକ କୀଟ ଓ ରୋଗର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ଓ ଏହାର ନିୟମିତ ନିରୀକ୍ଷଣ କରୁଥାନ୍ତୁ ।
- ଖରା ସମୟରେ ସିଞ୍ଚନ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ଏବଂ ଏହା ସକାଳେ କିମ୍ବା ସନ୍ଧ୍ୟା ସମୟରେ କରାଯିବା ଉଚିତ ।
- ଆସନ୍ତା କିଛି ଦିନ ପରେ ସର୍ବାଧିକ ତାପମାତ୍ରାରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ପଶୁଶାଳାରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳପ୍ରଚଳର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ । ସକାଳ ୧୧ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରେ ଚରିବାକୁ ଛାଡନ୍ତୁ ନାହିଁ ।

### ସଂକ୍ଷିପ୍ତ ଉପଦେଶ

- ଆଗାମୀ ଉଷ୍ଣ ଲହରୀର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ସେମାନଙ୍କର ଫସଲ ତଥା ପଶୁପକ୍ଷୀ ଏବଂ ନିଜକୁ ଅତ୍ୟଧିକ

ଗରମ କିମ୍ବା ଲୁ ପ୍ରଭାବରୁ ରକ୍ଷା କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ଥୋଡ଼ ବାହାରିବା ଅବସ୍ଥା | • ଥୋଡ଼ ଆରମ୍ଭ ହେବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ସହିତ ୧୧ କିଲୋଗ୍ରାମ ଏମ୍‌ଓପି ସହିତ ଦ୍ୱିତୀୟ ଦଫା ସାର ହିସାବରେ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସ୍ଥିତିରେ ଖେତରେ ପ୍ରୟୋଗ କରିପାରିବେ ।<br>• ଆସନ୍ତା ସପ୍ତାହରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିପାରେ ଏବଂ ଧୀରେ ଧୀରେ ବୃଦ୍ଧି ପାଇବାର ମଧ୍ୟ ସମ୍ଭାବନା ଅଛି । ତେଣୁ ଖେତରେ ଗୋଟେ ଜଳସେଚନ କରି ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ ।<br>• ଉଚ୍ଚ ତାପମାତ୍ରା ଏବଂ ପରେ ମଝିରେ ମଝିରେ ଘଡ଼ଘଡ଼ି ବର୍ଷା ଯୋଗୁଁ ଚକଡା ପୋକର ଆକ୍ରମଣ ଦେଖିବାକୁ ମିଳିପାରେ ତେଣୁ, ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ମୁଗ/ବିରି | ଛୁଇଁ ବାହାରିବା ଅବସ୍ଥା | • ଆବଶ୍ୟକତା ଅନୁଯାୟୀ ଜଳସେଚନ କରି ମାଟିର ଆର୍ଦ୍ରତା ନିୟନ୍ତ୍ରିତ କରନ୍ତୁ ।<br>• ଯଦି ଫଳ ବିନ୍ଧାକାରୀ ପୋକର ଆକ୍ରମଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ପାଇଁ  ପ୍ରତି ଲିଟର ପାଣିରେ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି. @ ୦.୪ ଗ୍ରାମ କିମ୍ବା ସ୍ପିନୋସାଡ୍ ୪୫ ଏସ୍.ସି. @ ୦.୩ ରୁ ୦.୪ ମିଲି କିମ୍ବା ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍.ସି. @ ୦.୫ ମିଲିକୁ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଭଲ ଫଳାଫଳ ପାଇଁ, ସନ୍ଧ୍ୟା ସମୟରେ ପ୍ରାରମ୍ଭିକ ଲାର୍ଭା ପର୍ଯ୍ୟାୟରେ ସିଞ୍ଚନ କରିବା ଉଚିତ ଏବଂ ସମାନ କୀଟନାଶକର ବାରମ୍ବାର ବ୍ୟବହାର ଏଡାଇବା ଉଚିତ । |
| ଭେଣ୍ଡି | ଅଂଗିୟ ଅବସ୍ଥା | • ଭେଣ୍ଡି ଗଛରେ ଡାଳ ଏବଂ ଫଳ ବିନ୍ଧା ପୋକ ଆକ୍ରମଣ ପାଇଁ ପ୍ରଚଳିତ ପାଗ (ଉଷ୍ମ ତାପମାତ୍ରା ସହିତ ମଧ୍ୟମ ଆର୍ଦ୍ରତା) ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି ।<br>• ଭେଣ୍ଡି ଗଛରେ ଫଳ ବିନ୍ଧା ପୋକର ପ୍ରଭାବଶାଳୀ ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ପ୍ରତି ଏକର ପାଇଁ ୪ ରୁ ୫ ଫେରୋମୋନ ଫାଶ ବ୍ୟବହାର କରନ୍ତୁ । ବୟସ୍କ ପୋକଙ୍କୁ ଆକର୍ଷିତ ଏବଂ ମାରିବା ପାଇଁ ଆଲୋକ ଫାଶ ବ୍ୟବହାର କରନ୍ତୁ । |
| ଆମ୍ବ | ଫଳ  ଅବସ୍ଥା | • ରୋଗ ଆକ୍ରମଣକୁ ଏଡାଇବା ପାଇଁ ଆମ୍ବ ଫସଲରେ ଗୁରୁତର ଭାବରେ କ୍ଷତିଗ୍ରସ୍ତ ଡାଳଗୁଡ଼ିକୁ କାଢିଦିଅନ୍ତୁ ।<br>• ପୂର୍ବ ଦିନଗୁଡିକରେ ପାଗର ଯେଉଁ ସ୍ଥିତି ଥିଲା ତାହା ଆଗାମୀ ଦିନରେ ଫଳ ମାଛିର ଆକ୍ରମଣ ପାଇଁ ଅନୁକୂଳ ଅଟେ ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗକୁ ବର୍ଷାର ସମ୍ଭାବନା କମ ଅଛି ଓ ଏହି ସମୟରେ ଉଷ୍ଣ ଲହରୀ ପରି ସ୍ଥିତିର ସମ୍ଭାବନା ଥିବାରୁ ଅଧିକ ଉତ୍ତାପ ଚାପ ଯୋଗୁଁ ଗଛରୁ ଫଳ ଝଡିବାର ସମ୍ଭାବନା ଦେଖାଦେଇପାରେ ତେଣୁ ଜଳସେଚନ କରି ମାଟିର ଆର୍ଦ୍ରତା ବନାଇ ରଖନ୍ତୁ । |
| ପିଆଜ | ଫଳ ବାହାରିବା ଅବସ୍ଥା (ବଲ୍ବ ବିକାଶ) | • ଉକୁଣିଆ ପୋକ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ଫସଲର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି କାରଣ ବର୍ତ୍ତମାନର ପାଗ ଏହାର ଆକ୍ରମଣ ପାଇଁ ଅନୁକୂଳ ଅଟେ ।<br>• ଯଦି କ୍ଷେତରେ ବାଦାମୀ ବ୍ଲଚ୍ (ପର୍ପଲ୍ ବ୍ଲଚ୍) ରୋଗ ଆକ୍ରମଣ ଦେଖାଯାଏ, ତେବେ ଚାଷୀମାନେ ସଫା ପାଗରେ ପ୍ରତି ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ.ଜି. @ ୦.୪ ଗ୍ରାମ ସିଞ୍ଚନ କରନ୍ତୁ । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ଦିନର ଉଚ୍ଚ ତାପମାତ୍ରା ସହିତ ସାମୟିକ ମେଘୁଆ ପରିସ୍ଥିତି ଯୋଗୁଁ, କାକୁଡି ବା କଖାରୁଜାତୀୟ ଫସଲ ଚାପର ସମ୍ମୁଖୀନ ହୋଇପାରେ ଯାହା ଫୁଲ ଫୁଟିବା, ଫଳ ସ୍ଥିର ହେବା ଏବଂ ରୋଗ ଆକ୍ରମଣକୁ ପ୍ରଭାବିତ କରିପାରେ । ତେଣୁ ଚାଷୀମାନେ କ୍ଷେତରେ ବର୍ଷା ନ ହେବା ସ୍ଥିତିରେ ହାଲୁକା ଏବଂ ବାରମ୍ବାର ହାଲୁକା ଜଳସେଚନ ଯୋଗାଇବା ଉଚିତ ଯାହା ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରହିବ।<br>• କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ଆଗାମୀ ବର୍ଦ୍ଧିତ ତାପମାତ୍ରାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଖୋଲା ସ୍ଥାନରେ ସେମାନଙ୍କୁ ବାନ୍ଧିକି ନ ଛାଡ଼ନ୍ତୁ । ଗର୍ଭବତୀ ପଶୁ (୬ ମାସରୁ ଅଧିକ)ଙ୍କୁ ଅତିରିକ୍ତ ଖାଦ୍ୟ ଦିଆଯିବା ଉଚିତ । ପଶୁମାନଙ୍କ ଗୁହାଳ ଏବଂ ଅନ୍ୟ ସ୍ଥାନଗୁଡ଼ିକ ଭିତରକୁ ଯେମିତି ସିଧାସଳଖ ସୂର୍ଯ୍ୟ କିରଣ ନ ପଶୁ ତା'ର ଉଚିତ ବ୍ୟବସ୍ଥା କରନ୍ତୁ । ପଶୁମାନଙ୍କୁ ନିୟମିତ ତାଜା ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । | |

| Mrs. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।